**ରାୟଗଡ଼ାରୁ ୭୦ ନୂଆ ପଜିଟିଭ**

ରାୟଗଡ଼ା ଅଫିସ-ରାୟଗଡ଼ା ଜିଲାରୁ ଗତ ୨୪ ଘଣ୍ଟା ମଧ୍ୟରେ ଆଉ ୭୦ ନୂତନ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିରେ ରାୟଗଡ଼ା ସହରାଞ୍ଚଳରୁ ସର୍ବାଧିକ ୩୦ଜଣ, ଗୁଣପୁର ସହରାଞ୍ଚଳରୁ ୧୦, ରାୟଗଡ଼ା ଗ୍ରାମାଞ୍ଚଳରୁ ୨, ଗୁଣପୁର ଗ୍ରାମାଞ୍ଚଳରୁ ୨, ବିଷମକଟକରୁ ୨, ଗୁଡାରିରୁ ୫, କାଶୀପୁରରୁ ୧୦, ମୁନିଗୁଡ଼ାରୁ ୪, ପଦ୍ମପୁରରୁ ୨ ଏବଂ ରାମନାଗୁଡ଼ାରୁ ୩ ଜଣ ରହିଛନ୍ତି।



## ସଂକ୍ଷେପରେ

### ଗାଁକୁ ଶଟ୍‌ଡାଉନ କଲେ ଗ୍ରାମବାସୀ

**୪ ଦିନ ଶଟ୍‌ଡାଉନ ଅଧିକାରୀଗୁଡ଼ା ଗାଁ**

ଉମରକୋଟ, ୨୩।୪(ସ୍ୱ.ପ୍ର.)- ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଉମରକୋଟ ବ୍ଲକ ଚିକଲପଦର ଗ୍ରାମପଞ୍ଚାୟତ ଅଧିକାରୀଗୁଡ଼ା (ଯୁଭି-୫୩) ଗ୍ରାମବାସୀ ଗାଁକୁ ଶୁକ୍ରବାରଠାରୁ ଚାରିଦିନ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଉମରକୋଟରେ ସଂକ୍ରମଣ ବଢୁଥିବାରୁ ଗ୍ରାମବାସୀ ଏହି ନିଷ୍ପତ୍ତି ନେଇଛନ୍ତି। ଏହି ସମୟରେ କେବଳ ଔଷଧ, କ୍ଷୀର ଦୋକାନ ଖୋଲା ରହିବ ବୋଲି ଗ୍ରାମର ଅନୁପ ଠାକୁର, ଅରୂପ ସାହୁ, ସଞ୍ଜୟ ବଇରାଗୀ, ଉତ୍ତମ ମିସ୍ତ୍ରି, ସୁଦାମ ମାଲାକାର, କଲା ହାଲ୍‌ଦାର, ଅମିତ ବଳ କହିଛନ୍ତି।

### ଚିପିଙ୍ଗ୍ ମେଶିନ ଲୋକାର୍ପିତ

ନବରଙ୍ଗପୁର, ୨୩।୪(ବି.ପ୍ର.)-କନ୍ଦ ଫସଲରୁ ମୂଲ୍ୟଯୁକ୍ତ ସାମଗ୍ରୀ ପ୍ରସ୍ତୁତ କରୁଥିବା ଚିପିଙ୍ଗ୍ ମେଶିନକୁ ଶୁକ୍ରବାର ଜିଲାପାଳ ଡ. ଅଜିତ କୁମାର ମିଶ୍ର ଲୋକାର୍ପଣ କରିଛନ୍ତି। ବିଜ୍ଞାନ ଓ ପ୍ରଯୁକ୍ତି ବିଜ୍ଞାନ ବ୍ୟବହାରରେ ନବରଙ୍ଗପୁର ଜିଲାର ଆର୍ଥିକ ଓ ସାମାଜିକ ଉନ୍ନତି ପ୍ରକଳ୍ପ ମାଧ୍ୟମରେ କେନ୍ଦ୍ରୀୟ କନ୍ଦ ଫସଲ ଗବେଷଣା ସଂସ୍ଥା ଭୁବନେଶ୍ୱର ପକ୍ଷରୁ ୨ଲକ୍ଷ ଟଙ୍କା ବ୍ୟୟରେ ଏହି ମେଶିନ ଲଗାଯାଇଛି। ଏହା ସାହାଯ୍ୟରେ ଘଣ୍ଟାଏରେ ୧ଶହ କେଜି ପର୍ଯ୍ୟନ୍ତ ବିଭିନ୍ନ କିସମର ଚିପ୍ସ ତିଆରି କରିହେବ। କନ୍ଦମୂଳ,ଗୟା ଆଳୁ, ସାରୁ ଏବଂ ଆଳୁରୁ ଚିପ୍ସ ପ୍ରସ୍ତୁତ ଦ୍ୱାରା କନ୍ଦ ଫସଲ ଚାଷୀ ଅଧିକ ଲାଭ ପାଇପାରିବେ ବୋଲି ଜିଲାପାଳ କହିଥିଲେ। କେନ୍ଦ୍ରୀୟ କନ୍ଦ ଫସଲ ଗବେଷଣା ସଂସ୍ଥା ଭୁବନେଶ୍ୱର ଡ. ଏମ୍. ନେଦୁଚେଜିଆୟାନ୍ ଯୋଗଦେଇ କନ୍ଦ ଫସଲ ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ବୁଝାଇଥିଲେ। ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଡ. ପ୍ରଦୋଷ କୁମାର ପଣ୍ଡା, ଜିଲା କୃଷି ଅଧିକାରୀ ବ୍ରଜକିଶୋର ଲେଙ୍କାଙ୍କ ସମେତ ନନ୍ଦାହାଣ୍ଡି, ନବରଙ୍ଗପୁର ଓ ତେନ୍ତୁଳିଖୁଣ୍ଟିର ୨୦ଜଣ ଚାଷୀ ଉପସ୍ଥିତ ଥିଲେ। ଜିଲାପାଳ ୪ ଚାଷୀଙ୍କୁ ଗୟାଆଳୁ, ଖମ୍ବଆଳୁ ବିହନ ପ୍ରଦାନ କରିଥିଲେ।

### ଅଟୋ ଓଲଟି ୫ ଯାତ୍ରୀ ଆହତ



ପାପଡ଼ାହାଣ୍ଡି, ୨୩।୪(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଶିରିଶି ପଞ୍ଚାୟତ ସୋରିଷପଦର ଆମ୍ବବଗିଚା ନିକଟରେ ଶୁକ୍ରବାର ଭାରସାମ୍ୟ ହରାଇ ଏକ ଅଟୋ ଓଲଟି ପଡିବାରୁ ୫ ଯାତ୍ରୀ ଆହତ ହୋଇଛନ୍ତି। ସେମାନେ ହେଲେ କୋଷାଗୁମଡା ବ୍ଲକ ବିଏମ୍‌ସେମଲା ପଞ୍ଚାୟତ ବାକଟିଗୁଡ଼ା ଗ୍ରାମର ଡମ୍ବୁ ଗୌଡ଼, ମଣିରାମ ଗୌଡ଼, ଜଗବନ୍ଧୁ ବିଶୋଇ, ପୂର୍ଣ୍ଣ ବିଶୋଇ ଓ ଲଳିତ ଗୌଡ଼। ଶୁକ୍ରବାର ମଧ୍ୟାହ୍ନରେ ଅଟୋଟି କୋଡ଼ିଙ୍ଗାରୁ ନବରଙ୍ଗପୁର ଯାଉଥିଲା। ଏହି ସମୟରେ ସୋରିଷପଦର ଆମ୍ବଗଛ ନିକଟରେ ଓଲଟି ପଡିଥିଲା। ଆହତଙ୍କୁ ଉଦ୍ଧାର କରି ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଘରକୁ ପଠା ଯାଇଛି।

# ୯ ଭେଣ୍ଟିଲେଟର, ୧୨ ଆଇସିୟୁ ବେଡ୍ ବ୍ୟବସ୍ଥା ହେବ

- ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକଙ୍କ ନବରଙ୍ଗପୁର ଗସ୍ତ
- ସମୀକ୍ଷା କଲେ କୋଭିଡ୍ ସ୍ଥିତି
- ୩ ପ୍ରଫେସର, ଲୋକାଲ ଡାକ୍ତରଙ୍କ ହାତରେ ଚିକିତ୍ସା ଭାର

ନବରଙ୍ଗପୁର, ୨୩।୪(ବି.ପ୍ର.)

ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ବିଜୟ କୁମାର ମହାପାତ୍ର ଓ ଡିଏମ୍‌ଇଟି ନିର୍ଦ୍ଦେଶକ ଚନ୍ଦ୍ର ବିଜୟ କେତନ ମହାନ୍ତି ଶୁକ୍ରବାର ହେଲିକପ୍ଟର ମାଧ୍ୟମରେ ନବରଙ୍ଗପୁର ଆସି ଜିଲାରେ କୋଭିଡ୍ ସ୍ଥିତି ସମୀକ୍ଷା କରିଛନ୍ତି। ନବରଙ୍ଗପୁର ସ୍ଥିତ ସର୍କିଟ ହାଉସ ପଡ଼ିଆରେ ଅବତରଣ କଲାପରେ ପ୍ରଥମେ ହିର୍ଲିସ୍ଥିତ କୋଭିଡ୍ ହସ୍ପିଟାଲକୁ ଯାଇ ସ୍ଥିତି ସମୀକ୍ଷା କରିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ବୈଠକ କରାଯାଇଥିଲା। ନବରଙ୍ଗପୁର ଜିଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜିଲାରେ ହିଁ ସେମାନଙ୍କୁ କିଭଳି ଉତ୍ତମ ଚିକିତ୍ସା ଯୋଗାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୂର୍ବରୁ ନବରଙ୍ଗପୁର କୋଭିଡ୍ ହସ୍ପିଟାଲକୁ ଖ୍ରୀଷ୍ଟିଆନ ହସ୍ପିଟାଲ ଚଳାଉଥିଲା। ବର୍ତ୍ତମାନ ତାହାକୁ ସରକାର ଚଳାଇବେ। ଜିଲାକୁ ଫାକଲ୍‌ଟି ମେମ୍ବର ଭାବରେ ଆସିଥିବା ୩ ପ୍ରଫେସରଙ୍କ ସହିତ ଲୋକାଲ ଡାକ୍ତରମାନେ ମିଶି କୋଭିଡ୍‌କୁ ନିୟନ୍ତ୍ରଣ କରିବେ ବୋଲି ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ମହାପାତ୍ର କହିଛନ୍ତି। ଖୁବ୍‌ଶୀଘ୍ର ୧୦ କିମ୍ବା ୧୨ଟି ଆଇସିୟୁ ବେଡ୍ ହସ୍ପିଟାଲରେ ରଖାଯିବା ସହ ୯ଟି ଭେଣ୍ଟିଲେଟର ଲଗାଯିବାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ଶୁକ୍ରବାର ନବରଙ୍ଗପୁର ଜିଲାରେ ୨୫୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଜିଲାରେ ୧୫୪୩ ଜଣ କରୋନା ପଜିଟିଭ ରୋଗୀ ଥିବା ସୂଚନା ମିଳିଛି। ଏହି ଗସ୍ତ ଓ ବୈଠକରେ ଜିଲାପାଳ ଅଜିତ କୁମାର ମିଶ୍ର, ସିଡିଏମ୍‌ଓ ଚୌଧୁରୀ ଶୋଭାରାଣୀ ମିଶ୍ର, ଡିଆର୍‌ଡିଏ ପିଡି ରମାକାନ୍ତ ନାୟକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରୋଗ୍ରାମ ମ୍ୟାନେଜର ସୁଶାନ୍ତ କୁମାର ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ।



କୋଭିଡ୍ ଡାକ୍ତରଖାନାରେ ଅଧିକାରୀମାନେ ସ୍ଥିତି ସମୀକ୍ଷା କରୁଛନ୍ତି।

## ଡାକ୍ତରଖାନା ନିକଟରେ ପଡ଼ିଛି ପିପିଇ କିଟ୍

ନବରଙ୍ଗପୁର, ୨୩।୪(ବି.ପ୍ର.)



ନବରଙ୍ଗପୁର ଜିଲା ହିର୍ଲିସ୍ଥିତ କୋଭିଡ୍ ହସ୍ପିଟାଲଠାରୁ ମାତ୍ର ୧୦୦ମିଟର ଦୂର ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ଶିକ୍ଷା କେନ୍ଦ୍ର ସମ୍ମୁଖ ଦେଇ ଯାଇଥିବା ମୁଖ୍ୟରାସ୍ତା କଡ଼ରେ ଏକ ପିପିଇ କିଟ୍ ପଡ଼ିଛି। କରୋନା ରୋଗୀଙ୍କୁ ନେବା ଆଣିବା କରୁଥିବା କୌଣସି ଏକ ଆମ୍ବୁଲାନ୍ସ କର୍ମଚାରୀ ଏହାକୁ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି। କିଟ୍ ପଡ଼ିଥିବା ରାସ୍ତାରେ ହଜାର ହଜାର ଲୋକ ଯିବା ଆସିବା କରୁଥିବାରୁ ସଂକ୍ରମଣର ଆଶଙ୍କା ଦେଖାଦେଇଛି। ସେହି ରାସ୍ତା ଦେଇ ପ୍ରତିଦିନ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ କର୍ମଚାରୀ ଯିବା ଆସିବା କରୁଥିଲେ ମଧ୍ୟ କେହି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଏହି ରାସ୍ତା ଦେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଡିଏମ୍‌ଇଟି ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀମାନେ ଯାଇଥିବାବେଳେ ଉକ୍ତ ପିପିଇ କିଟ୍ ସେମାନଙ୍କ ନଜରକୁ ମଧ୍ୟ ଆସି ନ ଥିଲା।

ପିପିଇ କିଟ୍‌କୁ ବ୍ୟବହାରକରି ତାହା ନଷ୍ଟକରିବାକୁ ସରକାରୀ ନିୟମ ରହିଥିଲେ ମଧ୍ୟ ଏଠାରେ ବ୍ୟତିକ୍ରମ ଦେଖାଦେଇଛି। ଏଥିପାଇଁ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ଅଧିକାରୀଙ୍କ ସହ ଆଲୋଚନା କଲେ ବ୍ୟବସାୟୀ ସଂଘ, ବୁଦ୍ଧିଜୀବୀ

**ରାଇଘର ଦୋକାନ ବଜାର ବନ୍ଦକୁ ନେଇ ଦୁଇଗୋଷ୍ଠୀଙ୍କ ଭିନ୍ନମତ**

ରାଇଘର, ୨୩।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକରେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବ୍ୟବସାୟୀ ସଂଘ ଦୋକାନ ବଜାର ସବୁକୁ ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଯେଉଁ ନିଷ୍ପତ୍ତି ନେଇଥିଲେ ତାହାକୁ କେତେଜଣ ବଡ଼ ବ୍ୟବସାୟୀ ବିରୋଧ କରିଛନ୍ତି। ସେମାନଙ୍କ ମଧ୍ୟରୁ ଶୁକ୍ରବାର କେତେଜଣ ଦୋକାନ ଖୋଲା ରଖିଥିଲେ। ଏହାପରେ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଏକତ୍ରିତ ହୋଇ ପ୍ରଶାସନ ସହ ଆଲୋଚନା କରିଅଞ୍ଚଳର ସୁରକ୍ଷା ନିମନ୍ତେ ଦାବିକରିଛନ୍ତି।

ସୂଚନା ଅନୁଯାୟୀ, ରାଇଘର ବ୍ଲକ ଛତିଶଗଡ଼ ସୀମାନ୍ତ ଅଞ୍ଚଳ ହୋଇଥିବାରୁ ଏଠାରେ ଦୈନିକ ୫୦ରୁ ଉର୍ଦ୍ଧ୍ୱ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ତେଣୁ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଏକତ୍ରିତ ହୋଇ ରାଇଘର ସଦର ମହକୁମାରେ ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିସହ ୨୫ ତାରିଖରୁ ସକାଳ ୬ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲା ରହିବ ବୋଲି ନିଷ୍ପତି ହୋଇଥିଲା। ସମସ୍ତ ବ୍ୟବସାୟୀ ଏହାକୁ ସ୍ୱାଗତ କରିଥିଲେ। କିନ୍ତୁ ଗୁରୁବାର କିଛି ବଡବଡ଼ିଆ ବ୍ୟବସାୟୀ ଏହାକୁ ବିରୋଧ କରି ଦୋକାନ ବଜାର ଖୋଲିବା ନିମନ୍ତେ ଦାବି କରିଥିଲେ। ଶୁକ୍ରବାର ଅଳ୍ପ କିଛି ବ୍ୟବସାୟୀ ଦୋକାନ ଖୋଲିଥିଲେ। ମିଳିତ କ୍ରିୟାନୁଷ୍ଠାନ କମିଟି ତଥା ବିଭିନ୍ନ ସଂଗଠନ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ବିରୋଧ କରିବା ଘଟଣାକୁ ନେଇ ଶୁକ୍ରବାର ରାଇଘର ସରପଞ୍ଚ ପ୍ରତିନିଧି ଲମ୍ବୁ ମାଝି, ଖଲାସୀ ସଂଘ ଓ ପଲ୍ଲୀ ସଂସଦ ସଂଘ ସଭାପତି ରାମ ସୁନାନୀ,ଓକିଲ ସଂଘ ସଭାପତି ପୁରୁଷୋତ୍ତମ ମହାପାତ୍ର, ସାମ୍ବାଦିକ ସଂଘ ସଭାପତି କିରଣ ପଟ୍ଟନାୟକ, ସାତପାଲି ଗ୍ରାମ ମୁଖିଆ କମଳ ସିଂ ରାଜପୁତ, ଯତୀନ୍ଦ୍ର ଗଣ୍ଡ, ଅଭିମନ୍ୟୁ ଡାକୁଆ, ଭାସ୍କର ଦଣ୍ଡସେନା, କୈଳାସ ନାଗ, ପରମେଶ୍ୱର ଶ୍ରୀବାସ୍ତବ, ରାଇସିଂ ଗଣ୍ଡ, ସୁମିତ ପଟ୍ଟନାୟକ, ଲଳିତ ମୋହନ ପ୍ରଧାନ, ଦିଲ୍ଲୀପ ପାତ୍ର, ଜଗତ୍‌ଜୀବନ ନାୟକ ସହ ଅନେକ କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀ ରାଇଘର ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କ ସହ ଆଲୋଚନା କରିଛନ୍ତି। କଳାବଜାର କରିବା ଉଦ୍ଦେଶ୍ୟରେ ବଡ଼ ବ୍ୟବସାୟୀମାନେ ଦୋକାନ ବଜାର ଖୋଲିବାକୁ ଚାହୁଁଛନ୍ତି ବୋଲି ବିଡିଓଙ୍କୁ ଜଣାଇଥିଲେ। କରୋନା ପାଇଁ ରାଇଘର ବ୍ଲକର ପ୍ରସିଦ୍ଧ କଳସୀ ମଣ୍ଡେଇ ଠାକୁରାଣୀ ଯାତ୍ରାକୁ ପ୍ରଶାସନ ବନ୍ଦ କରିଛି। ଯଦି ବଡ଼ ବ୍ୟବସାୟୀଙ୍କ କଥାକୁ ଗୁରୁତ୍ୱ ଦିଆଯାଇ ଦୋକାନ ଖୋଲିବାକୁ ପ୍ରଶାସନ ନିଷ୍ପତ୍ତି ନେଉଛି, ତାହା ହେଲେ ଠାକୁରାଣୀ ଯାତ୍ରା ମଧ୍ୟ କରାଯାଉ ବୋଲି କ୍ରିୟାନୁଷ୍ଠାନ କମିଟି ଓ ଅନ୍ୟମାନେ ଦାବି କରିଥିଲେ। କଳାବଜାର ରୋକିବା ସହ ଶନିବାର ଓ ରବିବାର ରାଇଘର ସମ୍ପୂର୍ଣ୍ଣ ଶଟ୍‌ଡାଉନ ରହିବ ବୋଲି ବିଡିଓ କହିଛନ୍ତି। ଏହି ଆଲୋଚନା ବେଳେ ତହସିଲଦାର ଡ. ତୁଷାର ଜ୍ୟୋତି ରଞ୍ଜନ, ଥାନାଧିକାରୀ ଅଭୟ ବେହେରା ଓ ଯୋଗାଣ ଅଧିକାରୀ ଦୀପକ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କ ସହ ବୁଦ୍ଧିଜୀବୀମାନେ ଆଲୋଚନା କରୁଛନ୍ତି।

## ବ୍ୟବସାୟୀଙ୍କ ଘରୁ ଲକ୍ଷାଧିକ ଟଙ୍କାର ଗହଣା ଚୋରି

ଝରିଗାଁ, ୨୩।୪(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ସଦର ଶିରାଗୁଡ଼ା ସାହିସ୍ଥିତ ବ୍ୟବସାୟୀ ରଶ୍ମିକାନ୍ତ ପଟ୍ଟନାୟକଙ୍କ ଘରୁ ଗୁରୁବାର ବିଳମ୍ବ ରାତିରେ ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

ପ୍ରକାଶ ଯେ, ରଶ୍ମିକାନ୍ତ ଓ ତାଙ୍କ ପରିବାର ଲୋକେ ଗୁରୁବାର ଖାଇ ପିଇ ଘରେ ଶୋଇଥିଲେ। ରାତି ପ୍ରାୟ ୨ଟାରେ ନିଦ ଭାଙ୍ଗିବାବେଳକୁ ଘରର ପଛ କବାଟ ଓ ଆଲମାରୀ ଖୋଲାଥିବା ସେ ଦେଖିଥିଲେ। ସଙ୍ଗେସଙ୍ଗେ ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ତଦନ୍ତ କରି ଫେରିଥିଲା। ଶୁକ୍ରବାର ସକାଳେ ରଶ୍ମିକାନ୍ତ ଥାନାରେ ଏତଲା ଦେଇଥିଲେ। ତାଙ୍କ ଘରୁ ୯ଟି ସୁନାମୁଦି, ଗୋଟିଏ ହାର, ୨ଟି ଚୁଡି, ୩ଟି ଚେନ୍, ୬ଟି ସୁନା ଲକେଟ୍ ସହ ୭୦ ଗ୍ରାମ ରୁପା ତିଆରି ମୁଦି, ଚେନ୍ ଏବଂ ନଗଦ ୩୫ ହଜାର ଟଙ୍କା ଚୋରି ହୋଇଥିବା ଏତଲାରେ ଉଲ୍ଲେଖ ରହିଛି। ୬୮/୨୧ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ସାହିତ୍ୟିକ ଡମ୍ବରୁଧରଙ୍କ ସ୍ମୃତିସଭା



ସଭାରେ ସାହିତ୍ୟିକମାନେ ନୀରବ ପ୍ରାର୍ଥନା କରୁଛନ୍ତି।

ରାୟଗଡ଼ା ଅଫିସ/ମୁନିଗୁଡ଼ା, ୨୩।୪(ଡି.ଏନ୍.ଏ.)

ଓଡ଼ିଶା ସାହିତ୍ୟ ଏକାଡେମୀ ସାଧାରଣ ପରିଷଦର ରାୟଗଡ଼ା ଜିଲା ପ୍ରତିନିଧି ତଥା ବିଶିଷ୍ଟ ବ୍ୟଙ୍ଗ ସ୍ରଷ୍ଟା ଡମ୍ବରୁଧର ପଟ୍ଟନାୟକଙ୍କ ଗୁରୁବାର ପରଲୋକ ଘଟିଥିଲା। ତାଙ୍କରି ବିୟୋଗରେ ରାୟଗଡ଼ା ଜିଲାରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ତାଙ୍କରି ବିୟୋଗରେ ଗୁରୁବାର ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ସମେତ ସାହିତ୍ୟିକ ସତ୍ୟନାରାୟଣ ଗନ୍ତାୟତ, ପ୍ରାବନ୍ଧିକ ଦୁଷ୍ମନ୍ତ କୁମାର ମହାନ୍ତି, ସ୍ତମ୍ଭକାର ଦ୍ୱିତୀ ଚନ୍ଦ୍ର ସାହୁ, କବି ତଥା ସମ୍ପାଦକ ସୁଶାନ୍ତ କୁମାର ନାୟକ, ଆଶୁତୋଷ ପାତ୍ର, ଗୋଲକ ଚନ୍ଦ୍ର ଦଳେଇ, ଲାବଣ୍ୟ ପଟ୍ଟନାୟକ, ଖବରଦାତା କୀର୍ତ୍ତି ଚନ୍ଦ୍ର ସାହୁ, ବିମଳ ଚାନ୍ଦ ପଟ୍ଟନାୟକ, ଶ୍ରୀଧର ପଟ୍ଟନାୟକ, ବିମଳା ଶଙ୍କର ଦାସ, ଏସ୍. ପାଣିଗ୍ରାହୀ, ଶ୍ରୀରଙ୍ଗ ନାୟକ, ଗୌରାଙ୍ଗ ରାଉତ ପ୍ରମୁଖ ଶୋକ ବ୍ୟକ୍ତ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

ସେହିପରି ଶୁକ୍ରବାର ମୁନିଗୁଡ଼ାଠାରେ ବିଭିନ୍ନ ସାହିତ୍ୟ ସଂଗଠନ ପକ୍ଷରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ସାହିତ୍ୟ ସଂସଦର ସଭାପତି ହୃଷିକେଶ ଜାଲିଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସୁଭଦ୍ରା-ଉଦ୍ଧବ ମଙ୍ଗଳ ଭବନଠାରେ ଡମ୍ବରୁଧରଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ନୀରବ ପ୍ରାର୍ଥନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁନିଗୁଡ଼ା ସାହିତ୍ୟ ସଂସଦ, ସମ୍ବାଦ ସାହିତ୍ୟ ଘର, ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଦସ୍ୟ ରାଜକିଶୋର ବେହେରା, ପ୍ରଶାନ୍ତ ସାହୁ, ଶିକ୍ଷୟିତ୍ରୀ ନନ୍ଦିନୀ ଦାସ, ଉତ୍ତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଡମ୍ବରୁଧର ଜିଲା ସାହିତ୍ୟ ଜଗତରେ ଡମ୍ବରୁ ବାବା ରୂପେ ପରିଚିତ ଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ପ୍ରୀତି ଯୋଗୁ ସେ ନିଜ ବାସଭବନର ନାମ 'ସାହିତ୍ୟାୟନ' ରଖିଥିଲେ ଏବଂ ଘରେ ସାବିତ୍ରୀ ପାଠାଗାର ଖୋଲିଥିଲେ।

# ଗୁଣପୁରରେ ଅଟୋ ଚଳାଚଳ ବନ୍ଦ

**ସରକାରୀ କଟକଣାକୁ ଚାଳକ ସଂଘର ବିରୋଧ**

ଗୁଣପୁର, ୨୩।୪(ଡି.ଏନ୍.ଏ.)

କରୋନା ସଂକ୍ରମଣକୁ ରୋକିବା ନିମନ୍ତେ ମାତ୍ର ୨ ଯାତ୍ରୀଙ୍କୁ ନେଇ ଅଟୋରିକ୍ସା ଚଳାଚଳ ନିମନ୍ତେ ରାଜ୍ୟ ସରକାର ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ସେହିପରି ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ଏହି ନିୟମକୁ କଡ଼ାକଡ଼ି କରାଯାଇଛି। ନିୟମ ଉଲ୍ଲଂଘନ କଲେ ଜରିମାନା ଆଦାୟ କରାଯିବ ବୋଲି ଚେତାବନୀ ଦିଆଯାଇଛି। ତେବେ ସରକାରଙ୍କ ଏହି ନିଷ୍ପତ୍ତିକୁ ରାୟଗଡ଼ା ଜିଲା ଗୁଣପୁର ଅଟୋ ଚାଳକ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ତୈଳ ଦର ବୃଦ୍ଧି ଏବଂ କରୋନା ପରିସ୍ଥିତିରେ ୨ ଯାତ୍ରୀଙ୍କୁ ନେଇ ପରିବାର ଚଳାଇବା ସମ୍ଭବ ନୁହେଁ ବୋଲି ସଂଘର ସଦସ୍ୟମାନେ କହିଛନ୍ତି। ଶୁକ୍ରବାର ଅଟୋଚାଳକମାନେ ସରକାର ଓ ପ୍ରଶାସନର ନିଷ୍ପତ୍ତିର ପ୍ରତିବାଦ କରିବା ସହ ସହରରେ ଅଟୋ ଚଳାଚଳ ବନ୍ଦ ରଖାଯାଇଥିଲା। ଏ ନେଇ ପ୍ରଶାସନ ପୁର୍ନବିଚାର ନ କଲେ ସୋମବାରଠାରୁ ଅଟୋ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।



ପ୍ରତିବାଦକୁ ଓହ୍ଲାଇଥିବା ଅଟୋ ଚାଳକମାନେ।

## ହାଟରେ ଲୋକଙ୍କୁ ସଚେତନ କଲେ ଦିବ୍ୟାଙ୍ଗ ଲକ୍ଷ୍ମଣ



ଟିକିରି, ୨୩।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଟିକିରି ହରିଜନ ସାହିର ଲକ୍ଷ୍ମଣ ନାୟକ ଜନ୍ମରୁ ଦୃଷ୍ଟିବାଧିତ। ହାଟ ଏବଂ ବଜାରରେ ଓଜନ ମେଶିନ ଧରି ବସିଥିବା ଲକ୍ଷ୍ମଣଙ୍କୁ ଅଞ୍ଚଳରେ ସମସ୍ତେ ଜାଣନ୍ତି। ଲୋକେ ଓଜନ କରି ଯାହା କିଛି ଟଙ୍କା ଦିଅନ୍ତି, ସେଥିରେ ତାଙ୍କର ପରିବାର ଚଳେ। ହେଲେ ଶୁକ୍ରବାର ଟିକିରିରେ ହାଟ ପଡ଼ିଥିବାବେଳେ ଲୋକେ ଭିଡ଼ ଜମାଇଥିବା ଜାଣି ଲକ୍ଷ୍ମଣ ସେଠାରେ ଠିଆହୋଇ ଲୋକଙ୍କୁ କରୋନା ସଚେତନତା ବାର୍ତ୍ତା ଦେଇଥିଲେ। ହାତ ଯୋଡ଼ି ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତା ନିୟମ ପାଳିବାକୁ ସେ ସଚେତନ କରିଥିଲେ। ଏହା ଅନେକ ଲୋକଙ୍କୁ ପ୍ରଭାବିତ କରିଥିଲା।

## ପରିବାର ଅଦାଲତକୁ କଣ୍ଟେନମେଣ୍ଟ ଜୋନ୍ ଦାବି

**୨କର୍ମଚାରୀ ପଜିଟିଭ୍**

ରାୟଗଡ଼ା ଅଫିସ, ୨୩।୪

ରାୟଗଡ଼ା ପରିବାର ଅଦାଲତରେ କାର୍ଯ୍ୟରତ ଜଣେ କର୍ମଚାରୀ କରୋନା ପଜିଟିଭ ଚିହ୍ନଟ ହେବାପରେ ପରିବାର ଅଦାଲତର ସମସ୍ତ କର୍ମଚାରୀ ଏବଂ ବିଚାରପତି ଶୁକ୍ରବାର କରୋନା ପରୀକ୍ଷା କରାଇଥିଲେ। ଏଥିରେ ପୁଣି ଜଣେ କର୍ମଚାରୀ ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଉଭୟଙ୍କୁ ଗୃହ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ ୨ କର୍ମଚାରୀ ପଜିଟିଭ ବାହାରିବା ପରେ ପରିବାର ଅଦାଲତକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରିବାକୁ ଅଞ୍ଚଳବାସୀଙ୍କ ମଧ୍ୟରେ ଦାବି ହୋଇଛି।

# ଡିଇଓଙ୍କ ସହ ଆଲୋଚନା କଲେ ଭିଜିଲାନ୍ସ ଅଧିକାରୀ

**ଜାଲ୍ ପ୍ରମାଣପତ୍ର ଦେଇ ଶିକ୍ଷୟିତ୍ରୀ ହେବା ମାମଲା**

ରାୟଗଡ଼ା ଅଫିସ, ୨୩।୪

ରାୟଗଡ଼ା ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଥିବା ସଙ୍ଗୀତା ସାହୁ ଜାଲ୍ ପ୍ରମାଣପତ୍ର ଦେଇ ଚାକିରି ହାତେଇଥିବା ୨୦୧୫ ରେ ଅଭିଯୋଗ ହୋଇଥିଲା। ସେ ୨୦୧୩ ଅକ୍ଟୋବର ୧୮ରେ ଚାକିରି ପାଇଥିଲେ। ତାଙ୍କ ନାମରେ ଅଭିଯୋଗ ପରେ ଭିଜିଲାନ୍ସ ନିଜ ପକ୍ଷରୁ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଜାଲ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗ ପରେ ଜିଲା ପ୍ରଶାସନ ପକ୍ଷରୁ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ ଅଦେଶ ଦିଆଯାଇଥିଲା। ହେଲେ ଏହାକୁ ଚ୍ୟାଲେଞ୍ଜ କରି ଶିକ୍ଷୟିତ୍ରୀ ଜଣକ ହାଇକୋର୍ଟରୁ ସ୍ଥଗିତାଦେଶ ଆଣିଥିଲେ। ଅନ୍ୟପକ୍ଷରେ ଏହି ଘଟଣା ଏବେ କୋର୍ଟରେ ବିଚାରାଧୀନ ରହିଥିବାବେଳେ ଶୁକ୍ରବାର ଜୟପୁରରୁ ଭିଜିଲାନ୍ସ ଇନ୍ସପେକ୍ଟର ରାୟଗଡ଼ା ଡିଇଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ମାମଲା ସମ୍ପର୍କିତ କାଗଜପତ୍ର ଏବଂ ଜାଲ୍ ପ୍ରମାଣପତ୍ର ନେବାସହ ଡିଇଓ ପୂର୍ଣ୍ଣ ଚନ୍ଦ୍ର ବରିହାଙ୍କ ସହ ଆଲୋଚନା କରିଥିଲେ।

# ଜିସିଡି ପଡ଼ିଆରେ ଅସ୍ଥାୟୀ ଆମିଷ ବଜାର ସ୍ଥାପନକୁ ବିରୋଧ

**ଜିଲାପାଳଙ୍କୁ ଜିସିଡି ୱାକର୍ସ କ୍ଲବର ଦାବିପତ୍ର**

ରାୟଗଡ଼ା ଅଫିସ, ୨୩।୪

ଜିସିଡି ପଡ଼ିଆରେ ହେବାକୁ ଥିବା ଅସ୍ଥାୟୀ ଆମିଷ ବଜାରକୁ ଜିସିଡି ୱାକର୍ସ କ୍ଲବ ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ କ୍ଲବ ପକ୍ଷରୁ ଶୁକ୍ରବାର ଜିଲାପାଳ ସରୋଜ କୁମାର ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ରାୟଗଡ଼ାରେ କୋଭିଡ୍ ଦ୍ୱିତୀୟ ଲହର ବଢିବାରେ ଲାଗିଛି। ଏହାକୁ ନଜରରେ ରଖି ହାଟ ଆଦିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଜିସିଡି ପଡିଆରେ ପ୍ରଶାସନ ପକ୍ଷରୁ ଆମିଷ ବଜାରର ବ୍ୟବସ୍ଥା କରାଯାଉଛି। ଏହି ପଡିଆକୁ ଦୈନିକ ୧୫୦ରୁ ଉର୍ଦ୍ଧ୍ୱ ଲୋକ ପ୍ରାତଃ ଭ୍ରମଣ ଏବଂ ଯୋଗାସନ କରିବାକୁ ଆସନ୍ତି। ଏହା ରାୟଗଡ଼ାର ଏକମାତ୍ର ଖେଳ ପଡ଼ିଆ। ଜିସିଡି ପଡ଼ିଆରେ ମାଛ ଏବଂ ମାଂସ ବଜାର କରାଗଲେ ପ୍ରାତଃ ଭ୍ରମଣରେ ଲୋକଙ୍କୁ ଅସୁବିଧା ହେବା ସହ ପରିବେଶ ପ୍ରଦୂଷଣ ହେବ। ପଡ଼ିଆଟି ସହରର ମଧ୍ୟଭାଗରେ ରହିଛି। ପ୍ରଦୂଷଣ ସହ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହେବ। ତେଣୁ ଏଠାରେ ଆମିଷ ବଜାର ନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଆଇଏସିଆର୍ କଲେଜ ବାଇପାସ୍ ନିକଟରେ ଥିବା ଖାଲି ସ୍ଥାନରେ ଏହି ବଜାର ସ୍ଥାପନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନବେଳେ ଆଇନଜୀବୀ ମନୋଜ ରଥ, ଦେବୀ ପଟ୍ଟନାୟକ, ସାମାଜିକ କର୍ମୀ ସୁରେନ୍ଦ୍ର, ଖବରଦାତା ଗୋପରଞ୍ଜନ ବକ୍ସିପାତ୍ର, ଦୀପକ ପୁଷ୍ଟି, ପ୍ରମୁଖ ଉପସ୍ଥିତ ଥିଲେ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଚନ୍ଦ୍ରମଣି ସୁବୁଦ୍ଧି
ପିପି-୧୩, ପାଣ୍ଡବ ନଗର, ଭୁବନେଶ୍ୱର
ଆବିର୍ଭାବ - ୧୫.୦୫.୧୯୩୩
ତିରୋଧାନ - ୧୪.୦୪.୨୦୨୧

ବୋଉ... ପ୍ରତି ମହୂର୍ତ୍ତରେ ତୁମର ଶୂନ୍ୟସ୍ଥାନ ଆମକୁ ବ୍ୟଥିତ କରୁଛି। ତୁମର ଅନାବିଳ ସ୍ନେହ, ତ୍ୟାଗ ଓ ଭଲପାଇବା ଆମ୍ଭେ କେବେହେଲେ ଭୁଲିପାରିବୁ ନାହିଁ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ : ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୭୦୫୯୧

**ଏକାଦଶତମ ଶ୍ରାଦ୍ଧବାର୍ଷିକୀ**



୰ସ୍ନେହଲତା ଷଡ଼ଙ୍ଗୀ
ରତ୍ନାକରବାଗ, ଟଙ୍କପାଣି ରୋଡ୍, ଭୁବନେଶ୍ୱର
ତିରୋଧାନ: ୨୭।୦୩।୨୦୧୦
(ଅଶୋକାଷ୍ଟମୀ ବାହୁଡ଼ାଯାତ୍ରା)

ଇତି ମଧ୍ୟରେ ୧୧ବର୍ଷ ବିତିଗଲାଣି। ତଥାପି ଲାଗୁଛି, ସତେ ଯେପରି ତୁମେ ଆମ ସହିତ ଅଛ। ତୁମ ସ୍ନେହ, ଶ୍ରଦ୍ଧା, ନିଷ୍ଠା ଓ ଆଦର୍ଶ ଆମକୁ ପ୍ରେରଣା ଦେଉଥାଉ। ତୁମେ ଯେଉଁଠି ଥାଅ, ଶାନ୍ତିରେ ଥାଅ। ଏହାହିଁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ସ୍ୱାମୀ: କାଳିନ୍ଦୀ ଚରଣ ଷଡ଼ଙ୍ଗୀ ଓ ପରିବାରବର୍ଗ।

ଧ-୭୦୫୮୬

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ପଞ୍ଚାୟତ ଏବଂ ବ୍ଲକ୍‌ରେ କାମକରିବା ପାଇଁ 7th to 10th, +2, +3, ITI Diploma Candidate ଆବଶ୍ୟକ।
ଦରମା - 7,000/- ରୁ 42,000/-
8895029591

**୪ର୍ଥ ଜନ୍ମଦିନ ଶୁଭେଚ୍ଛା**



(ପୁପୁନ)
ପ୍ରଭୁ ପ୍ରସାଦ ଦାସ
ଶ୍ରୀରାମ ନଗର, ଓଲ୍ଡ ଟାଉନ, ଭୁବନେଶ୍ୱର
ଆଜି ତୋର ଶୁଭ ଜନ୍ମଦିନରେ ଭଗବାନଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ କୁସୁମିତ ହେଉ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
-:ଶୁଭେଚ୍ଛା ସହ:-
ତିନି ଜେଜେ, ତିନି ମା', ଅଜା, ଆଈ, ମାମୁ, ବଡ଼ବାବା, ବଡ଼ମାମା, ବାବା, ମାମା, ଦାଦା, ଖୁଡ଼ୀ, ଅପା, ପିଉସା, ସୋମଭାଇ, ବବ୍‌ଲି, ଛବ୍‌ଲି, ଲକି, ଖୁସି, ସାଇ, ଡିଡ୍‌ଲି, ଓମ୍, ରିସି ଓ ବନ୍ଧୁ ପରିବାରବର୍ଗ।

ଧ-୬୯୪୯୯

**CLASSIFIED DISPLAY**
MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
**BALAJI FINANCE**
(Reg. No. KA08FGD557S113)
(ବିନା କୌଣସୀ ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡ଼ା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

**Indus Digilat Tower**
ପ୍ରଥମ ଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 30,000,00/- ପାଆନ୍ତୁ ଓ ମାସକୁ ଭଡା 18,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ



R-102, Cyber Building, Bangalore, Karnataka-400021.
6396901850
7505488038


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ହାଟରେ ବୁଲି ସଚେତନକଲେ ମାଥିଲି ତହସିଲଦାର

ମାଲକାନଗିରି, (ଡି.ଏନ୍.ଏ.)-ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ କତାପାଲି ସାପ୍ତାହିକ ହାଟରେ ଲୋକଙ୍କୁ କରୋନା ସମ୍ପର୍କିତ ସଚେତନ କରିଛନ୍ତି ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା । ତାଙ୍କ ସହ କତାପାଲି ରାଜସ୍ୱ ନିରୀକ୍ଷକ ବଳଦେବ ନାୟକ ଉପସ୍ଥିତ ଥିଲେ। ସମସ୍ତେ ସଚେତନ ହେଲେ କରୋନା ଦୂର ହୋଇପାରିବ ବୋଲି ସେ ଲୋକଙ୍କୁ ବୁଝାଇଥିଲେ। ସାପ୍ତାହିକ ହାଟରେ କିପରି କୋଭିଡ୍ ନିୟମରେ ହାଟ ପରିଚାଳନା କରାଯିବ ସେ ସମ୍ପର୍କରେ ମଧ ସେ ବ୍ୟବସାୟୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ସେହିପରି ବ୍ଲକ ସଦର ସମେତ ଜନଗହଳିପୂର୍ଣ୍ଣ ସ୍ଥାନରେ ତହସିଲଦାର ଓ କର୍ମଚାରୀମାନେ ମାସ୍କ ଯାଞ୍ଚ କରିଥିଲେ।

## ସଂକ୍ଷେପରେ

### ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ଟିକିରି, ୨୩।୪(ଡି.ଏନ୍.ଏ.)-ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଦୋରାଗୁଡ଼ା ଥାନା ଅଧୀନ କମ୍ପର ଗ୍ରାମ ନିକଟ ମହୁଲ ଗଛରୁ ଶୁକ୍ରବାର ଜଣେ ଯୁବତୀଙ୍କ ମୃତଦେହ ଜବତ କରାଯାଇଛି। ମୃତ ଯୁବତୀ ହେଲେ ସୁଙ୍ଗେର ପଞ୍ଚାୟତ ଲଦାଖମନ ଗାଁର ଅର୍ଚ୍ଚିତା ନାୟକଙ୍କ ଝିଅ ତପସ୍ବିତା। ସେ କିଛି ଦିନ ହେଲା କମ୍ପର ଗ୍ରାମରେ ବିବାହ କରିଥିବା ବଡ଼ ଭଉଣୀଙ୍କ ଘରେ ରହୁଥିଲେ। ହେଲେ ୨ ଦିନ ହେଲା ଯୁବତୀ ଜଣକ ନିଖୋଜ ଥିବାବେଳେ ଶୁକ୍ରବାର ଗାଁ ନିକଟ ମହୁଲ ଗଛରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ପରିବାର ଲୋକେ ଏ ବିଷୟରେ ଦୋରାଗୁଡ଼ା ଥାନାରେ ଏତଲା ଦେବାପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ୨/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରା ସୂଚନା ଦେଇଛନ୍ତି।

### ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଲୋକେ ହନ୍ତସନ୍ତ

ମାଲକାନଗିରି, ୨୩।୪ (ଡି.ଏନ୍.ଏ.)-ମାଲକାନଗିରି ଜିଲାରେ ପାରଦ ୪୦ ଡିଗ୍ରୀ ପାର ହେଲାଣି। ଗ୍ରୀଷ୍ମ ପ୍ରକୋପ ଜାରି ରହିଥିବାରୁ ଲୋକେ ଗରମରେ କଷ୍ଟ ଭୋଗୁଛନ୍ତି। ଏପରି ସ୍ଥଳେ ଫ୍ୟାନ୍, ଏସି ଓ କୁଲର ଉପରେ ସମସ୍ତେ ନିର୍ଭର କରିଥାନ୍ତି। ଏପରି ସ୍ଥଳେ ବିଦ୍ୟୁତ୍ ବିଭାଗ ଦାଉ ସାଧୁଛି। ଘଣ୍ଟା ଘଣ୍ଟା ଧରି ଅଘୋଷିତ ବିଦ୍ୟୁତ୍ କାଟ କରୁଛି। ଏ ନେଇ ବିଭାଗ ପୂର୍ବରୁ କୌଣସି ସୂଚନା ଦେଉନାହିଁ। ବିଦ୍ୟୁତ୍ କାଟ ଯୋଗୁ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ସମସ୍ୟା ଉପୁଜୁଛି। ଏହାକୁ ଜିଲାବାସୀ ତୀବ୍ର ବିରୋଧ କରିଛନ୍ତି। ବ୍ୟବସ୍ଥାରେ ସୁଧାର ନ ଆସିଲେ ଆନ୍ଦୋଳନ କରିବାକୁ ସୁଶାନ୍ତ ସୁନା, ଏମ୍. ଚନ୍ଦ୍ରା ରାଓ, ଚନ୍ଦନ କୁମାର ପଣ୍ଡା, ରାମକୃଷ୍ଣ ଗୋଲରି, ରାହୁଲ କୁମାର, ଶିବା ଗୋଲରି ପ୍ରମୁଖ ଚେତାବନୀ ଦେଇଛନ୍ତି।

### କୋରାପୁଟ: ୫୮ ପଜିଟିଭ ଚିହ୍ନଟ

କୋରାପୁଟ, ୨୩।୪(ସ୍ୱ.ପ୍ର.) - କୋରାପୁଟ ଜିଲାରେ ଶୁକ୍ରବାର ପୁଣି ୫୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସମସ୍ତେ ପୂର୍ବ ପଜିଟିଭଙ୍କ ସଂସ୍ପର୍ଶରେ ଆସି ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କୋରାପୁଟ ପୌରାଞ୍ଚଳରୁ ୭ଜଣ, ଜୟପୁର ପୌରାଞ୍ଚଳରୁ ୧୫, ସୁନାବେଡା ପୌରାଞ୍ଚଳରୁ ୧୨ ଚିହ୍ନଟ ହୋଇଛନ୍ତି। ସେହିପରି ବନ୍ଧୁଗାଁ ବ୍ଲକ ଅଞ୍ଚଳରୁ ୨, ନନ୍ଦପୁର ବ୍ଲକରୁ ଜଣେ, ଜୟପୁର ବ୍ଲକରୁ ଜଣେ, କୋରାପୁଟ ବ୍ଲକରୁ ୮, ପଟ୍ଟାଙ୍ଗି ବ୍ଲକରୁ ଜଣେ, କୁନ୍ଦୁରା ବ୍ଲକରୁ ଜଣେ, ଲକ୍ଷ୍ମୀପୁର ବ୍ଲକରୁ ଜଣେ ଓ ସେମିଳିଗୁଡା ବ୍ଲକରୁ ୬ ଜଣ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସିଏଜିଙ୍କୁ ସମ୍ବର୍ଦ୍ଧନା

କୋରାପୁଟ, ୨୩।୪(ସ୍ୱ.ପ୍ର.)-କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭାରତର କମ୍ପ୍ଟ୍ରୋଲର ଓ ଅଡିଟର ଜେନେରାଲ (ସିଏଜି) ଗିରୀଶ ଚନ୍ଦ୍ର ମୁର୍ମୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ନିକଟରେ ନୂଆଦିଲ୍ଲୀଠାରେ ମୁର୍ମୁଙ୍କ କାର୍ଯ୍ୟାଳୟରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଇ. ରାମବ୍ରହ୍ମମଙ୍କ ପ୍ରତିନିଧି ରୂପେ ଯନ୍ତ୍ରୀ ପଦ୍ମଲୋଚନ ସ୍ୱାଇଁ ଏବଂ ଜିତେନ୍ଦ୍ର ପଣ୍ଡା ସିଏଜିଙ୍କୁ ଉପଢୌକନ ଓ ସ୍ମୃତିଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଉଭୟେ ସିଏଜିଙ୍କ ସହିତ ଆଲୋଚନା କରିଥିଲେ। ଆଗାମୀ ଦିନରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସାମଗ୍ରିକ ବିକାଶମୂଳକ କାର୍ଯ୍ୟରେ ସେ ସମସ୍ତ ସହଯୋଗ କରିବେ ବୋଲି ମୁର୍ମୁ ପ୍ରତିଶ୍ରୁତି ଦେଇଥିଲେ ।

### ପୂରଣ ହେଉନି ମେଡିକାଲ କଲେଜର ଖାଲି ପଦବୀ

କୋରାପୁଟ, ୨୩।୪(ସ୍ୱ.ପ୍ର.)- କୋରାପୁଟ ମେଡିକାଲ କଲେଜରେ ୨୦ଟି ପ୍ରଫେସର ପଦବୀରୁ ୧୫ ଜଣ ରହିଛନ୍ତି। ୫ଟି ପଦବୀ ଖାଲି ପଡିଛି। ସେହିପରି ୨୫ଟି ସହକାରୀ ପ୍ରଫେସର ପଦବୀରୁ ବର୍ତ୍ତମାନ ୨୨ ଜଣ ରହିଥିବା ବେଳେ ୩ଟି ପଦବୀ ଖାଲିପଡିଛି। ମେଡିକାଲ କଲେଜରେ ଆବଶ୍ୟକ ଥିବା ୨୪ ଜଣ ଫାର୍ମାସିଷ୍ଟଙ୍କ ମଧ୍ୟରୁ ଅଛନ୍ତି ମାତ୍ର ୪ ଜଣ। ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରୁ ୩ ଜଣ ଫାର୍ମାସିଷ୍ଟ ଡେପୁଟେଶନରେ ଆସି ମେଡିକାଲ କଲେଜରେ କାର୍ଯ୍ୟ କରୁଥିବା ପ୍ରଶାସନିକ ଅଧିକାରୀ ମଧୁମିତା ନାୟକ କହିଛନ୍ତି।

# ୪୦ ଲକ୍ଷ ପାଣିରେ ପଡ଼ିଲା

**ବୈପାରିଗୁଡା, ୨୩।୪ (ଡି.ଏନ୍.ଏ.)**

- ନିମ୍ନମାନର କାମ ହେତୁ ଗୋଟିଏ ବର୍ଷାରେ ଧୋଇଗଲା
- କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟ ଦାୟିତ୍ୱ ନେଇଥିଲା
- ଖୁବ୍ ଶୀଘ୍ର ଚେକ୍‌ଡ୍ୟାମର ପୁନଃ ନିର୍ମାଣ ହେବ: କନିଷ୍ଠ ଯନ୍ତ୍ରୀ

ବୈପାରିଗୁଡା ବ୍ଲକ ଚନ୍ଦ୍ରପଡା ପଞ୍ଚାୟତ ଖରାଗୁଡା ଓ ଅଟ୍ଟାଳଗୁଡା ଗ୍ରାମ ଚାଷୀଙ୍କ କ୍ଷେତକୁ ଜଳସେଚନ ଲାଗି କ୍ଷୁଦ୍ର ଜଳସେଚନ ବିଭାଗ ନିକଟସ୍ଥ ନାଳରୁ ୨୦୧୮-୧୯ରେ ୪୦ ଲକ୍ଷ ଟଙ୍କା ବ୍ୟୟରେ ଚେକ୍ ଡ୍ୟାମ ନିର୍ମାଣ କାମ ହାତକୁ ନେଇଥିଲା। ପ୍ରାୟ ୮୦ ଭାଗ କାମ ଶେଷ ହୋଇଥିବା ବେଳେ ୨୦୨୦ ଜୁନ୍‌ରେ ପ୍ରଥମ ବର୍ଷାରେ ଡ୍ୟାମଟି ଧୋଇ ହୋଇଗଲା। ଏପର୍ଯ୍ୟନ୍ତ ସମ୍ପୃକ୍ତ ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନାହିଁ। ଯେଉଁ ଉଦ୍ଦେଶ୍ୟ ନେଇ ଏହା ନିର୍ମାଣ ହୋଇଥିଲା ନିମ୍ନମାନର


ଧୋଇ ହୋଇଯାଇଥିବା ଚେକ୍‌ଡ୍ୟାମ।

କାର୍ଯ୍ୟ ଯୋଗୁ ତାହା ଫେଲ୍ ମାରିଲା। ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଏ ନେଇ ଚାଷୀମାନେ ଗତ ୨୩ ତାରିଖରେ କୋରାପୁଟ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସଂପୃକ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ସାହୁଙ୍କୁ ପଚାରିବାରୁ ସେ କହିଲେ ଯେ, କାମ ଫାଇନାଲ ହୋଇନାହିଁ। ଖୁବ୍ ଶୀଘ୍ର ଏହାର ପୁନଃ ନିର୍ମାଣ ହେବ ବୋଲି କହିଛନ୍ତି।

## ୭ ଦିନ ମଧ୍ୟରେ ଜାତିଗତ ପ୍ରମାଣପତ୍ର ନ ମିଳିଲେ ଧାରଣା: ମହାସଂଘ

**ଜୟପୁର, ୨୩।୪ (ନି.ପ୍ର.)**

- ପ୍ରଶାସନ ରଖିପାରିନି କୁନ୍ଦୁରାରେ ଦେଇଥିବା ପୂର୍ବ ପ୍ରତିଶ୍ରୁତି
- ଜାତିଗତ ପ୍ରମାଣପତ୍ର ନ ଥିବାରୁ ଭୋଗୁଛନ୍ତି ଦୁର୍ଦ୍ଦଶା
- ଲିଖିତ ପ୍ରତିଶ୍ରୁତିର ରହିଲାନି ମୂଲ୍ୟ

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବାଗଦେରି ପଞ୍ଚାୟତ ବୁଢାଗୁଡା ଗ୍ରାମର ଦୁରୁଆ ଆଦିବାସୀ ମହିଳା ମହାସଂଘ ଶୁକ୍ରବାର ଜୟପୁର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛି। ଏହି ଅବସରରେ ପ୍ରଶାସନ ସେମାନଙ୍କୁ ଜାତିଗତ ପ୍ରମାଣପତ୍ର ଦେବାକୁ ଦାବି କରି ଏକ ଦାବିପତ୍ର ଦେଇଛନ୍ତି। ଜାତିଗତ ପ୍ରମାଣପତ୍ର ନ ଥିବାରୁ ସେମାନଙ୍କ ପିଲାମାନେ ଉଚ୍ଚଶିକ୍ଷା କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ସେମାନେ ଏପ୍ରିଲ ୭ ଓ ୮ରେ କୁନ୍ଦୁରା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଜୟପୁର ଉପଜିଲାପାଳ ହେମକାନ୍ତ ସାଏଙ୍କ ନିର୍ଦ୍ଦେଶରେ ଏଡିଡବ୍ଲ୍ୟୁ ସେମାନଙ୍କ ନିକଟରେ ପହଞ୍ଚି ୭ ଦିନ ଭିତରେ ଦୁରୁଆ ଛାତ୍ରୀ ଛାତ୍ରଙ୍କୁ ଆଦିବାସୀ ଜାତିଗତ ପ୍ରମାଣପତ୍ର ଦେବେ। ଏହାଦ୍ୱାରା ସେମାନେ ବିଦ୍ୟାଳୟରେ ନାମ ଲେଖାଇବା ସହ ଛାତ୍ରାବାସରେ ରହିବା ସୁଯୋଗ ପାଇବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପରେ ସେମାନେ ଧାରଣାରୁ ଓହରିଥିଲେ। ମାତ୍ର ପ୍ରତିଶ୍ରୁତିର ୧୫ ଦିନ ବିତି ଯାଇଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଇନାହିଁ । ଫଳରେ ଶୁକ୍ରବାର ମହିଳା ମହାସଂଘ ଉପଦେଷ୍ଟା ଚନ୍ଦ୍ର ସଗରିଆଙ୍କ ନେତୃତ୍ୱେ ସେମାନେ ପୁଣି ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ତୁରନ୍ତ ସେମାନଙ୍କ ଦାବିପୂରଣ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି।

## ୪ ମେଡିସିନ ଏଜେନ୍ସି ଉପରେ ଚଢ଼ାଉ

**ଜୟପୁର, ୨୩।୪ (ନି.ପ୍ର.)**

କୋରାପୁଟ ଜିଲା ଜୟପୁର ସହରରେ ଶୁକ୍ରବାର ୪ଟି ମେଡିସିନ ଏଜେନ୍ସି ଉପରେ ଚଢ଼ାଉ ହୋଇଛି । ନକଲି ଔଷଧ ଓ କଳାବଜାର ରୋକିବା ପାଇଁ ରାଜ୍ୟ ସ୍ତରରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । କୋରାପୁଟ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲିଙ୍କ ନିର୍ଦ୍ଦେଶରେ ଜିଲା ଡିଆଇବି ଇନ୍ସପେକ୍ଟର ସୁମିତ୍ରା ଜେନା ଓ ଡ୍ରଗ୍ସ ଇନ୍‌ସପେକ୍ଟର ସୁଧୀର କୁମାର ଜେନାଙ୍କ ନେତୃତ୍ୱରେ ଗଠିତ ଟିମ୍ ଏହି ଚଢାଉ କରିଛି। ସହରର ସୂର୍ଯ୍ୟମହଲସ୍ଥିତ ସତ୍ୟନାରାୟଣ ଇଣ୍ଟରପ୍ରାଇଜେସ, ବିଜୟକ୍ରିଷ୍ଣା ଇଣ୍ଟର ପ୍ରାଇଜେସ ଏବଂ ଜେଇଏଲସି କମ୍ପ୍ଲେକ୍ସରେ ଥିବା ରାମକ୍ରିଷ୍ଣା ଓ ଗୁପ୍ତେଶ୍ୱରଠାରେ ଥିବା ଏକ ମେଡିସିନ ଏଜେନ୍ସିଉପରେ ଟିମ୍ ଚଢାଉ


ସହରର ଏକ ମେଡିସିନ୍ ଏଜେନ୍ସି ଉପରେ ଚଢ଼ାଉ କରାଯାଉଛି।

କରିଛି । ଚଢାଉ ସମୟରେ ମେଡିସିନ ଓ ଷ୍ଟକ୍ ରେଜିଷ୍ଟର ଯାଞ୍ଚ କରାଯାଇଥିଲା। ଆଗକୁ ସମଗ୍ର ଜିଲାରେ ଏପରି ଚଢାଉ ଜାରି ରହିବ। ଯେଉଁଠି ଅନିୟମିତତା ଦୃଷ୍ଟିକୁ ଆସିବ ଦୃଢ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିଲା ଡ୍ରଗ୍ସ ଇନ୍ସପେକ୍ଟର ଜେନା କହିଛନ୍ତି । ଚଢାଉରେ ଏସ୍‌ଆଇ ଯଶବନ୍ତ ସେଲମାଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

## ବସ୍ ଚକ ତଳେ ପଡ଼ି ଯୁବକ ଗୁରୁତର

**ଦାମନଯୋଡ଼ି, ୨୩।୪(ଡି.ଏନ.ଏ.)**

କୋରାପୁଟ ଜିଲା ଦାମନଯୋଡ଼ିର ଭେଜାପୁଟ ବଜାରରେ ଶୁକ୍ରବାର ବାଇକ୍‌ରେ ମାଥାଲପୁଟରୁ ଭେଜାପୁଟକୁ ଆସୁଥିବା ଜଣେ ଯୁବକ ବସ୍‌କୁ ଓଭରଟେକ୍ କରୁଥିବା ସମୟରେ ବାଇକ୍ ଚକ ଖସିଯିବାରୁ ବସ୍ ଚକ ତଳେ ପଡିଯାଇଥିଲେ। ଫଳରେ ବସ୍ ପଛଚକ ତାଙ୍କ ଉପରେ ମାଡିଯାଇଥିଲା। ସେ ହେଲେ ସେ ମାଥାଲପୁଟ ବାସିନ୍ଦା ମିଟୁ ବାରିକଙ୍କ ପୁଅ ଶିବଶଙ୍କର ବାରିକ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ମାଥାଲପୁଟ ମେଡିକାଲ ପରେ କୋରାପୁଟ ଜିଲା ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଶିବଶଙ୍କର ମାଥାଲପୁଟର ଏକ କିରାଣା ଦୋକାନରେ କାର୍ଯ୍ୟ କରନ୍ତି। ତାଙ୍କ ପରିବାର ଅତି ଗରିବ। ତାଙ୍କ ମା' ଅନ୍ୟମାନଙ୍କ ଘରେ କାମ କରିବା ସହ ସମୟ ମିଳିଲେ ମନ୍ଦିରରେ ଦୀପ ବିକି ପରିବାର ଚଳାଇଥାନ୍ତି। ବାପା ମିଟୁ ଦୀର୍ଘଦିନ ହେବ ଅସୁସ୍ଥ ହୋଇ ଘରେ ପଡି ରହିଛନ୍ତି। ଏହି ପରିବାରକୁ ରେଡ୍‌କ୍ରସ୍ ଫଣ୍ଡ ଏବଂ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି। ଦାମନଯୋଡ଼ି ପୋଲିସ ଏବଂ ସୁନାବେଡ଼ା ପୋଲିସ ପହଞ୍ଚି ଘଟଣାର ଅନୁସନ୍ଧାନ କରୁଛନ୍ତି।

## ଛାତ୍ରୀନିବାସ, ଅତ୍ୟାଧୁନିକ କେନ୍ଦ୍ରୀୟ ଗ୍ରନ୍ଥାଗାର ଉଦ୍‌ଘାଟିତ



ଛାତ୍ରୀନିବାସକୁ ଉଦ୍‌ଘାଟନ କରୁଛନ୍ତି ବିଧାୟକ ତାରାପ୍ରସାଦ ବାହିନୀପତି ।

**ଜୟପୁର, ୨୩।୪(ନି.ପ୍ର.)**

**ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ**

ଜୟପୁର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨ ଶହ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଓ ଅତ୍ୟାଧୁନିକ କେନ୍ଦ୍ରୀୟ ଗ୍ରନ୍ଥାଗାରକୁ ଶୁକ୍ରବାର ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଉଦ୍‌ଘାଟନ କରିଛନ୍ତି । ମହାବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ପାଇଁ ସାଇକେଲ ଷ୍ଟାଣ୍ଡ ଓ କ୍ୟାଣ୍ଟିନ ନିର୍ମାଣ ଲାଗି ଏହି ଅବସରରେ ସେ ୧୦ ଲକ୍ଷ ଟଙ୍କା ବିଧାୟକ ପାଣ୍ଠିରୁ ପ୍ରଦାନ କରିଛନ୍ତି । ଛାତ୍ରୀନିବାସରେ ୩ କୋଟି ଟଙ୍କା ବ୍ୟୟ ହୋଇଥିବା ବେଳେ ୭୦ ରୁମ୍ ରହିଛି। ଏଠାରେ ୨ ଶହ ଛାତ୍ରୀ ରହିବାର ବ୍ୟବସ୍ଥା ରହିଛି। ଗ୍ରନ୍ଥାଗାର ୬୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି। ଏହି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ସେ ଉଦ୍ୟମ ଜାରି ରଖିଥିବା ପ୍ରକାଶ କରିଛନ୍ତି। ମହାବିଦ୍ୟାଳୟ ଅଧକ୍ଷ ଗୋପାଳ ହାଲ୍‌ଦାର, ରାସ୍ତା ଓ ଗୃହ ବିଭାଗ ନିର୍ବାହୀଯନ୍ତ୍ରୀ ଭାସ୍କର ସାମନ୍ତରାୟ, ସହକାରୀ ଯନ୍ତ୍ରୀ ବିଜୟ ବେହେରାଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଜିଲା ସଂଯୋଜକଙ୍କୁ ଶିକ୍ଷକ ସଂଘର ଦାବିପତ୍ର

**ମାଲକାନଗିରି, ୨୩।୪ (ଡି.ଏନ୍.ଏ.)**

**ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ ପ୍ରସଙ୍ଗ**

ମାଲକାନଗିରି ଜିଲାରେ ଛାତ୍ରୀଛାତ୍ରଙ୍କୁ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ସରକାରଙ୍କ ନିୟମାବଳୀକୁ ଉଲ୍ଲଂଘନ କରାଯାଇ କେତେକ ଏସ୍‌ଏଚ୍‌ଜିଙ୍କୁ ପୋଷାକ ବିତରଣ ପାଇଁ ନିର୍ଦ୍ଦେଶ ହୋଇଛି। ଏହାକୁ ମାଲକାନଗିରି ଜିଲା ପ୍ରାଥମିକ ଶିକ୍ଷକ ସଂଘ ବିରୋଧ କରିଛି। ଏହି ଅବସରରେ ସଂଘ ସର୍ବଶିକ୍ଷା ଅଭିଯାନର ଜିଲା ସଂଯୋଜକ ତଥା ଜିଲା ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସେଠୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ଏଥିରେ ଉଲ୍ଲେଖ ରହିଛି, ଯେଉଁ ଏସ୍‌ଏଚ୍‌ଜିଙ୍କୁ ପୋଷାକ ଯୋଗାଇବା ପାଇଁ ଅନୁମତି ମିଳିଛି ସେମାନଙ୍କ ଜିଏସ୍‌ଟି ରେଜିଷ୍ଟ୍ରେଶନ ସାର୍ଟିଫିକେଟ୍ ନ ଦେଖି ଚୟନ କରାଯାଇଛି। ଫଳରେ ୟୁଟିଲାଇଜେଶନ ସାର୍ଟିଫିକେଟ୍ (ୟୁସି) ପାସ୍ ବେଳେ ନନ୍ ଜିଏସ୍‌ଟି ଭାଉଚର ଗ୍ରହଣ କରିବାକୁ ସଂଘ ଦାବି କରିଛି। ଆଗାମୀ ଦିନରେ ପୋଷାକ ବଣ୍ଟନରେ ସ୍ୱଚ୍ଛତା ରକ୍ଷା ଲାଗି ଖୋଲା ବଜାରରୁ କୋଟେଶନ ବ୍ୟବସ୍ଥା କରିବା, କୋଭିଡ୍ କଟକଣା ସମୟରେ ପୋଷାକ ବିତରଣ ନେଇ ଯାହା କୁହାଯାଇଛି ତାହାକୁ ବାତିଲ କରିବା, ଯେଉଁ ଏସ୍‌ଏଚ୍‌ଜିଙ୍କୁ ପୋଷାକ ବିତରଣ ପାଇଁ ଅନୁମତି ମିଳିଛି ସେମାନେ ଗାଁ ଗାଁ ବୁଲି ଛାତ୍ରୀଛାତ୍ରଙ୍କ ପୋଷାକର ମାପ ସଂଗ୍ରହ କରି ସେମାନଙ୍କୁ ଉପଯୁକ୍ତ ପୋଷାକ ଦେବା, ଚିତ୍ରକୋଣ୍ଡା ବ୍ଲକର କୌଣସି ଏସ୍‌ଏଚ୍‌ଜିଙ୍କୁ ପୋଷାକ ଯୋଗାଇବା ପାଇଁ ଚୟନ କରା ନ ଯାଇ ଅନ୍ୟ ବ୍ଲକର ଏସ୍‌ଏଚ୍‌ଜିଙ୍କୁ ପୋଷାକ ଯୋଗାଇବା ନେଇ କରାଯାଇଥିବା ଚୟନର ଉଚ୍ଚସ୍ତରୀୟ ତଦନ୍ତ କରିବା ଲାଗି ଦାବିପତ୍ରରେ ଉଲ୍ଲେଖ ରହିଛି। ଏ କ୍ଷେତ୍ରରେ ତୁରନ୍ତ ପଦକ୍ଷେପ ନେବାକୁ ସଂଘ ସଭାପତି ରିତ୍ ନାୟକ ଓ ସାଧାରଣ ସମ୍ପାଦକ ରମେଶ ସ୍ୱାଇଁ ଦାବି କରିଛନ୍ତି।

## ବିଶୃଙ୍ଖଳିତ ଶିକ୍ଷକଙ୍କ ବଦଳି ଦାବିକଲା କମିଟି

**ବୈପାରିଗୁଡା, ୨୩।୪ (ଡି.ଏନ୍.ଏ.)**

- ବିଦ୍ୟାଳୟରେ ଚାଉଳ ବାଣ୍ଟିବା ବେଳେ ହେଲା ବଚସା
- ଜଣେ ଅନ୍ୟ ଜଣକୁ ଛୁରି ଧରି ଗୋଡାଇଲେ
- ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ହେବ: ବିଇଓ

ପିଲାମାନଙ୍କୁ ଶୃଙ୍ଖଳା ଜ୍ଞାନ ଦିଅନ୍ତି ଶିକ୍ଷକ । ମାତ୍ର ଶିକ୍ଷକ ଯଦି ନିଜେ ବିଶୃଙ୍ଖଳିତ ହେବେ ତା' ହେଲେ ପିଲାମାନଙ୍କ ଉପରେ କ'ଣ ପ୍ରଭାବ ପଡିବ ତାହା ସହଜରେ ଅନୁମେୟ । ଏମିତି ଏକ ଅଭିଯୋଗ ଆସିଛି କୋରାପୁଟ ଜିଲା ବୈପାରିଗୁଡା ବ୍ଲକ ଅନ୍ତର୍ଗତ ମାଝିଗୁଡା ଉନ୍ନୀତ ଉଚ୍ଚବିଦ୍ୟାଳୟର ୨ ଜଣ ଶିକ୍ଷକଙ୍କ ବିରୋଧରେ। ଶୁକ୍ରବାର ସମ୍ପୃକ୍ତ ବିଦ୍ୟାଳୟର ପରିଚାଳନା କମିଟି ସଭାପତି କୃଷ୍ଣ ମାଳିଙ୍କ ନେତୃତ୍ୱରେ କମିଟିର ସଦସ୍ୟମାନେ ଏନେଇ ବ୍ଲକ ଶିକ୍ଷାଧିକାରୀ ସୁଧୀର ଚନ୍ଦ୍ର ରଥଙ୍କୁ ଭେଟି ଅଭିଯୋଗ କରିଛନ୍ତି। ୨୦ ତାରିଖ ଦିନ ଅଭିଭାବକମାନଙ୍କୁ ସେମାନଙ୍କ ପିଲାଙ୍କ ମଧ୍ୟାହ୍ନ ଭୋଜନ ବାବଦ ଚାଉଳ ସ୍କୁଲରେ ବଣ୍ଟାଯାଉଥିବା ସମୟରେ ପ୍ରଧାନଶିକ୍ଷକ ଓ ଜଣେ ସହକାରୀ ଶିକ୍ଷକଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା । ଜଣେ ଅନ୍ୟଜଣକୁ ଛୁରିରେ ଆକ୍ରମଣ କରିବାକୁ ଉଦ୍ୟମ କରିବା ବେଳେ ଅଭିଭାବକମାନେ ତାଙ୍କୁ ଧରିନେଇ ଛୁରିଟିକୁ ନେଇ ଯାଇଥିଲେ। ଏନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରି ଏପରି ଶିକ୍ଷକମାନଙ୍କ ପାଖରେ ସେମାନଙ୍କ ପିଲା ଆଦୌ ସୁରକ୍ଷିତ ନୁହଁନ୍ତି ବୋଲି ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ ଏପରି ନିୟମିତ ବିଶୃଙ୍ଖଳା ଦେଖାଦେଉଥିବା ବେଳେ ଏଥିପାଇଁ ଅନେକ ଶିକ୍ଷୟିତ୍ରୀ ଶିକ୍ଷକ ମଧ ନିଜକୁ ଅସୁରକ୍ଷିତ ମନେ କରୁଥିବା ସେମାନେ ପ୍ରକାଶ କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ଏହା ଜାଣିବା ପରେ କମିଟି ସଦସ୍ୟମାନେ ବ୍ଲକ ଶିକ୍ଷାଧିକାରୀଙ୍କୁ ଭେଟିଛନ୍ତି। ଏହି ୨ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରି ସେମାନଙ୍କ ସ୍ଥାନରେ ନୂଆ ଶିକ୍ଷକ ଯୋଗାଇ ଦେବାକୁ ସେମାନେ ଦାବି କରିଥିଲେ। ଅପରପକ୍ଷେ ଉକ୍ତ ଘଟଣାକୁ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଶିକ୍ଷାଧିକାରୀ ରଥ ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ବିଏସ୍‌ଏଫ୍ ଆଇଜିଙ୍କ ମାଲକାନଗିରି ଜିଲା ଗସ୍ତ

**ମାଲକାନଗିରି, ୨୩।୪ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ଗସ୍ତରେ ଆସିଛନ୍ତି ଓଡ଼ିଶା ବିଏସ୍‌ଏଫ୍ ଆଇଜି ମଧୁସୂଦନ ଶର୍ମା। ଗୁରୁବାର ଅପରାହ୍ନରେ ସେ ମାଲକାନଗିରିରେ ପହଞ୍ଚି ସ୍ୱାଭିମାନ ଅଞ୍ଚଳ ଗସ୍ତ କରିବା ସହ ଡାଇକ୍ -୩ ଓ ଜାନବାଇ ବିଏସ୍‌ଏଫ୍ କ୍ୟାମ୍ପ ଗସ୍ତ କରିଥିଲେ। ରାତିରେ ମାଲକାନଗିରି ଫେରି ଜିଲାର ବିଭିନ୍ନ ବିଏସ୍‌ଏଫ୍ କ୍ୟାମ୍ପର କମାଣ୍ଡାଣ୍ଟ, ଏସ୍‌ପି ଓ ପୋଲିସ ଅଧିକାରୀଙ୍କ ସହ ଜିଲାର ସୁରକ୍ଷା ଓ ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ଆଲୋଚନା କରିଥିଲେ। ଶୁକ୍ରବାର ଆନ୍ଧ୍ର-


ମାଲକାନଗିରି ଗସ୍ତରେ ଆସିଥିବା ବିଏସ୍‌ଏଫ୍ ଆଇଜି ମଧୁସୂଦନ ଶର୍ମା।

ଛତିଶଗଡ଼ ସୀମାନ୍ତ ହେଲିକପ୍ଟର ଯୋଗେ ଭେଜାଙ୍ଗିବାଡ଼ା, ଏମ୍‌ଭି-୭୯, କର୍ତ୍ତନପାଲି ଓ ତୁଳସୀ ପାହାଡ଼ ଅଞ୍ଚଳ ଗସ୍ତକରି ସେହି ସବୁ ସ୍ଥାନରେ ଯବାନଙ୍କୁ ଜନସମ୍ପର୍କ ଏବଂ କୋଭିଡ୍‌ରୁ ନିଜକୁ ମୁକ୍ତ ରଖି ସତର୍କତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ବିଏସ୍‌ଏଫ୍ ଡିଆଇଜି ସଞ୍ଜୟ କୁମାର ସିଂ, ଅର୍ଜୁନ ସିଂ ରାଠୋର, ସୁକୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

## ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ହାଟରେ ସଚେତନତା କାର୍ଯ୍ୟକ୍ରମ

**କୋରାପୁଟ, ୨୩।୪(ସ୍ୱ.ପ୍ର.)**

କୋରାପୁଟ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଶୁକ୍ରବାର କୁନ୍ଦୁଲି ହାଟରେ ଲୋକଙ୍କୁ କରୋନା ସମ୍ପର୍କରେ ସଚେତନ କାର୍ଯ୍ୟକ୍ରମ କରାଯାଇଛି । ଆରଏମସିର ଭାରପ୍ରାପ୍ତ ସମ୍ପାଦକ ଅରୁଣ କୁମାର ଜେନା, ପ୍ରଫୁଲ୍ଲ ଦେବତା, ରାଜାରାମ ସାହୁ ପ୍ରମୁଖ ହାଟରେ ମାଇକ ଯୋଗେ ଲୋକଙ୍କୁ ମାସ୍କ ପିନ୍ଧିବା, ହ୍ୟାଣ୍ଡ ଗ୍ଲୋବସ ପିନ୍ଧିବା, ସାମାଜିକ ଦୂରତା ଅବଲମ୍ବନ କରି କାରବାର କରିବାକୁ ପରାମର୍ଶ ଦେଇଥିଲେ। ଏହି ନିୟମ ମାନିଲେ ଆମେ କରୋନାଠାରୁ ସୁରକ୍ଷିତ ରହିପାରିବା ବୋଲି ପ୍ରଚାର କରାଯାଇଥିଲା।


ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ମାଇକ୍ ଯୋଗେ ପ୍ରଚାର କରାଯାଉଛି।

# ନାଏବ ସରପଞ୍ଚ ସାଜିଛନ୍ତି ଠିକାଦାର

**ନନ୍ଦପୁର, ୨୩।୪ (ଡି.ଏନ୍.ଏ.)**

- ଚାପ ପକାଇ କାମ ଆଣି କରୁଛନ୍ତି
- କଥା ନ ଶୁଣିଲେ ଅଧିକାରୀଙ୍କୁ ହଇରାଣ କରୁଛନ୍ତି
- 'ମୁଁ କାହା ଉପରେ ଚାପ ପକାଉନାହିଁ'

କୋରାପୁଟ ଜିଲା ନନ୍ଦପୁର ବ୍ଲକ ବାଲଡା ପଞ୍ଚାୟତର ନାଏବ ସରପଞ୍ଚ ମଧୁସୂଦନ ଦୋରା ନିଜ ପଦବୀର ଦୁରୁପଯୋଗ କରି ଚାପ ପକାଇ ପଞ୍ଚାୟତର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ନେଇ ନିଜେ ଠିକାଦାର ସାଜିଛନ୍ତି। ଏନେଇ ଶୁକ୍ରବାର ସରପଞ୍ଚ ରୁକୁଣୀ ହାଟଗୁଡ଼ିଆ, ସମିତିସଭ୍ୟ ରାମକୃଷ୍ଣ ପଡାଲ, ୱାର୍ଡମେମ୍ବର ସାବିତ୍ରୀ ଦଳେଇ, ଚନ୍ଦ୍ରସେନ ହନ୍ତାଲ, ଦଇତାରି ଖୁବାଙ୍କ ସହ ଗ୍ରାମବାସୀ ବିଡିଓ କୈଳାସ ଚନ୍ଦ୍ର ଶିଆଳ, ଜିଲାପାଳ ଅବଦୁଲ ଅଖତର, ଡିଆର୍‌ଡିଏ ପିଡି, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ନାଏବ ସରପଞ୍ଚ ଦୋରା କରୁଥିବା କାର୍ଯ୍ୟ ନିମ୍ନମାନର। ଏନେଇ ଆପତ୍ତି କଲେ ସେ ସରକାରୀ କର୍ମଚାରୀଙ୍କ ଉପରେ ଚାପ ପକାଇବା ସହ ଧମକଚମକ ଦେଉଛନ୍ତି। ବାଲଡା ଗ୍ରାମରେ ଏକ କଂକ୍ରିଟ ରାସ୍ତା କାମକୁ ଗ୍ରାମବାସୀ


ସରପଞ୍ଚଙ୍କ ସହ ଅନ୍ୟମାନେ ପ୍ରଶାସନକୁ ଦାବିପତ୍ର ଦେଉଛନ୍ତି।

କରିବା ପାଇଁ ପଞ୍ଚାୟତରେ ପ୍ରସ୍ତାବ ଦେବା ପରେ ଏନେଇ ଗ୍ରାମବାସୀ ଓ ନାଏବ ସରପଞ୍ଚଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପଞ୍ଚାୟତର ପ୍ରସ୍ତାବ ଉପରେ ଦାୟିତ୍ୱରେ ଥିବା ଜିପିଟିଏ ଶୁଚିସ୍ମିତା ପରିଡ଼ା ଗୁରୁତ୍ୱ ଦେବାରୁ ଦୋରା ତାଙ୍କ ଉପରେ ଚାପ ପକାଇ ଉକ୍ତ କାମ ହାତେଇବାକୁ ନେବାକୁ ଉଦ୍ୟମ କରିଥିଲେ। ମାତ୍ର ଜିପିଟିଏ ନ ଶୁଣିବାରୁ କେତେଜଣ ମୁଷ୍ଟିମେୟ ଲୋକଙ୍କ ସହ ମିଶି ଦୋରା ସମ୍ପୃକ୍ତ ଜିପିଟିଏଙ୍କ ବିରୋଧରେ ଷଡ଼ଯନ୍ତ୍ର କରି ତାଙ୍କୁ ହଇରାଣ କରୁଥିବା ସରପଞ୍ଚ ରୁକୁଣୀ ହାଟଗୁଡ଼ିଆ ଅଭିଯୋଗ କରୁଛନ୍ତି। ଲୁଲୁବୁର ଗ୍ରାମର ଡମ୍ବରୁ ଏଛିଙ୍ଗ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୦୧୬/୧୭ ଆର୍ଥିକ ବର୍ଷରେ ଏକ ଘର ପାଇଥିଲେ। ନାଏବ ସରପଞ୍ଚ ଦୋରା ଡମ୍ବରୁଙ୍କ ଘର ଧାର୍ଯ୍ୟ ସମୟ ମଧ୍ୟରେ କରିଦେବେ କହି ତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଘର ନିର୍ମାଣ କାର୍ଯ୍ୟ ହାତକୁ ନେଇଥିଲେ। ଏଥିପାଇଁ ଡମ୍ବରୁଙ୍କଠାରୁ ସମସ୍ତ ଟଙ୍କା ନେଇଯାଇଥିଲେ। ମାତ୍ର ସେ ଏ ପର୍ଯ୍ୟନ୍ତ ତାଙ୍କ ଘର ସମ୍ପୂର୍ଣ୍ଣ କରିନାହାନ୍ତି। ଫଳରେ ଏହି ଗରିବ ପରିବାର ତିନିବର୍ଷ ହେଲା ଏକ କୁଡ଼ିଆଘରେ ରହୁଛନ୍ତି। ଏ ସମ୍ପର୍କରେ ନାଏବ ସରପଞ୍ଚ ଦୋରାଙ୍କୁ ପଚାରିବାରୁ ମୁଁ ପଦବୀର ଦୁରୁପଯୋଗ କରିନାହିଁ। କାହା ଉପରେ ଚାପ ପକାଉ ନାହିଁ। ଲୋକଙ୍କ ପାଇଁ କାମକରୁଛି। ଏହା ସହ୍ୟ କରି ନ ପାରି କେତେଜଣ ଲୋକ ମୋ ବିରୋଧରେ ଲାଗିଛନ୍ତି ବୋଲି ସେ କହିଛନ୍ତି।

